ପାଠ-୨୫

# ଖଞ୍ଜଣି ବାଜାର ମଜା



ଖଞ୍ଜଣି ବଜାଇ ଦଳଗଞ୍ଜନ
ଗୀତ ଗାଇ କଲା ମନୋରଞ୍ଜନ ।

ଗୀତ ଶୁଣି ଡାକ ଛାଡ଼ିଲା ଗଞ୍ଜା
ବାଘ ନାଚ କରେ ଦେଖାଇ ପଞ୍ଜା
ମିରିଗ ଧାଇଁଲେ ପଞ୍ଝାକୁ ପଞ୍ଝା ।



# ଅଭ୍ୟାସ

**୧. ଆସ ଛବି ଦେଖି ପଢ଼ିବା ।**




ଖଞ୍ଜଣି



ଇଞ୍ଜିନ



କଖାରୁମଞ୍ଜି



ଆଞ୍ଜୁଳାଏ ଫୁଲ



**ପିଞ୍ଜରା**

**୨. ଆସ 'ଞ୍ଜ' ଅକ୍ଷର ତଳେ ଗାର ଦେବା ।**


ସଞ୍ଜ    ମାଙ୍କଡ଼    ଖଞ୍ଜା    ମଞ୍ଜା

କୁକୁର    ପିଞ୍ଜରା    ଗଞ୍ଜି    ଅଞ୍ଜଳି


**୩. ଆସ 'ଞ୍ଝ' ଅକ୍ଷର ଯେଉଁ ଶବ୍ଦରେ ଅଛି ତା' ତଳେ ଗାର ଦେବା ।**

ପଞ୍ଝାଏ ଛେଳି    ସିଂହର ପଞ୍ଝା    ବିଞ୍ଝାରପୁର

୪. ତଳେ ଥିବା ଛବି ମଧ୍ୟରୁ ୧୦ଟି ଛବିକୁ ନେଇ ଗୋଟେ ଘର କରିବା । କେତୋଟି ବଳୁଛି ଗଣିବା । କେତେ ଦଶ କେତେ ଏକ ଖାଲିଘରେ ଲେଖିବା । ଯେପରି -




| ଦଶ | ଏକ |
|---|---|
| ୧ | ୨ |



| ଦଶ | ଏକ |
|---|---|
| | |




| ଦଶ | ଏକ |
|---|---|
| | |



| ଦଶ | ଏକ |
|---|---|
| | |

୫. ତଳେ ଦିଆଯାଇଥିବା ଛବିଗୁଡ଼ିକର ନାମ କହିବା । ଏମାନଙ୍କ ଭିତରୁ କିଏ କେଉଁଠି ରହେ ଗାର ଟାଣି ଦେଖାଇବା ।



ପାଣିରେ ରହନ୍ତି

ବଣରେ ରହନ୍ତି

୬. କ) ବଣରେ ରହୁଥିବା କେତୋଟି ଜୀବଜନ୍ତୁଙ୍କ ନାମ କହିବା ।

ଖ) କେଉଁ ଜୀବ କ'ଣ ଖାଏ ଗାର ଦେଇ ଯୋଡ଼ିବା ।



୭. ଟଙ୍କା, ଶଙ୍ଖ, ବେଙ୍ଗ, ଜଙ୍ଘ, କଞ୍ଚା, ଚଞ୍ଛା, ସଞ୍ଜ, ପଞ୍ଝା ଇତ୍ୟାଦି ଯୁକ୍ତାକ୍ଷରକୁ ଯଥାକ୍ରମେ ଟଂକା, ଶଂଖ, ବେଂଗ, ଜଂଘ, କଂଚା, ଚଂଛା, ସଂଜ, ପଂଝା ପରି ମଧ୍ୟ ଲେଖିହେବ । ଶିକ୍ଷକ ଏଭଳି ଲେଖା ପାଇଁ ପିଲାଙ୍କୁ କାମ ଦେବେ ।

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଗୀତଟିକୁ ୨/୩ ଥର ଅଭିନୟ ସହ ଆବୃତ୍ତି କରାଯିବ। ଗୀତରୁ ଧାଡ଼ି, ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କାର୍ଯ୍ୟ କରାଯିବ।

- ଗୀତଟି ଆବୃତ୍ତି ବେଳେ ଚିତ୍ର ଉପରେ ମଧ୍ୟ ଆଲୋଚନା କରାଯିବ।

- ଅଭ୍ୟାସ କାର୍ଯ୍ୟ ୪ରେ ଦଶ / ଏକ କାମ ପାଇଁ ବସ୍ତୁ ବ୍ୟବହାର କରାଯିବା ଆବଶ୍ୟକ।

- ଅଭ୍ୟାସ କାର୍ଯ୍ୟ ୫ ଓ ୬ ପାଇଁ ଅଧିକ ପଶୁ, ପକ୍ଷୀ, କୀଟପତଙ୍ଗମାନଙ୍କ ନାମ ଦେଇ କିଏ କେଉଁଠି ରହେ ସେ ସଂପର୍କରେ କାମ କରାଯିବ। କିଏ କ'ଣ ଖାଏ ମୌଖିକ ଭାବରେ ଆଲୋଚନା କରାଯିବ।

- ଏହି ପାଠଟି ପାଇଁ ୧୯ ପିରିଅଡ଼ ଲାଗିବ। ଏହି ପାଠରେ 'ଞ', 'ଞ୍ଚ' ଅକ୍ଷର ଚିହ୍ନଟ କରାଯିବା ସହିତ, ଶବ୍ଦ ଗଠନ ଓ ଲିଖନ, ବାକ୍ୟ ଗଠନ ଓ ଲିଖନ, ଏକ ଓ ଦଶ ବିଷୟରେ ଧାରଣା, କେଉଁ ପଶୁ, ପକ୍ଷୀ କେଉଁଠି ରହନ୍ତି, କ'ଣ ଖାଆନ୍ତି ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।